بِسۡمِ اللّٰہِ الرَّحۡمٰنِ الرَّحِیۡمِ

୩୧ ଅକ୍ଟୋବର ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ତବୁକ୍ ଯୁଦ୍ଧର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍‌ହ୍‌ଦହୁ ଲାଶରିକା ଲହୁ ୱ୍‌ଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍‌ରସୁଲୁହୁ ଅମ୍ମାବାଦ୍ ଫଓଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ୍ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱ୍‌ଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଆଜି ମଧ୍ୟ ମୁଁ ତବୁକ୍ ଯୁଦ୍ଧ ସଂକ୍ରାନ୍ତରେ ଚର୍ଚ୍ଚା କରିବି । ହଜରତ ମୁହମ୍ମଦ[ସ.ଅ] ଏହି ଯୁଦ୍ଧ ନିମନ୍ତେ ପ୍ରସ୍ଥାନ କଲେ, ଏହି ପରିପ୍ରେକ୍ଷୀରେ ଇତିହାସ ଆମକୁ ଅଧିକ ତଥ୍ୟ ପ୍ରଦାନ କରୁଛି ଯେ ଇସଲାମୀୟ ସେନା ବିଭିନ୍ନ ସ୍ଥାନରେ ଅବସ୍ଥାନ କରି ଯାତ୍ରା କରୁଥିଲା ଏବଂ ଏହି ଯାତ୍ରାରେ ମୁସଲମାନମାନେ କ୍ରମାଗତ ଭାବରେ ନମାଜ ଜୋହର୍ ଓ ଅସର୍ ତଥା ମଗରିବ୍ ଓ ଇଶା ଜମା (ଏକତ୍ର) ପାଠ କରୁଥିଲେ । ଏହି ଯାତ୍ରାରେ ହଜରତ ଅବ୍ଦୁର୍ ରହେମାନ୍ ବିନ୍ ଔଫ୍[ର.ଅ]ଙ୍କୁ ନମାଜରେ ଇମାମତ୍ କରିବାର ସୌଭାଗ୍ୟ ଲାଭ ହୋଇଥିଲା । ଏହିପରି ଏହି ଯାତ୍ରାରେ ପୁଣ୍ୟଶ୍ଲୋକ ଓ ଇସଲାମୀୟ ସେନା ସମୁଦ୍ ସମ୍ପ୍ରଦାୟର ଅବଶେଷ (ପରିତ୍ୟକ୍ତ ବସ୍ତି) ମଧ୍ୟ ଦେଇ ଅତିକ୍ରମ କଲେ । ସେହି ଅଞ୍ଚଳର ନାମ ହିଜ୍‌ର ଥିଲା ଏବଂ ତାହା ମଦିନାରୁ ତବୁକ୍ ଯିବା ମାର୍ଗରେ ପଡିଥାଏ । ଆଜିକାଲି ତାହାକୁ **ମଦାଏନ୍ ସାଲେହ୍** ନାମରେ ଅଭିହିତ କରାଯାଏ । ହୁଜୁର[ସ.ଅ] ମୁସଲମାନମାନଙ୍କୁ ସେହି ଅଞ୍ଚଳର ଜଳ ବ୍ୟବହାର କରିବାକୁ ବାରଣ କଲେ । ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] କହିଲେ; ଏହି ଅଞ୍ଚଳର ବସ୍ତିରେ ପ୍ରବେଶ କର ନାହିଁ, ଯେଉଁମାନେ କି ଅତ୍ୟାଚାର କରିଥିଲେ, କିନ୍ତୁ ଏପରି ଅବସ୍ଥାରେ ଯେ ତୁମେମାନେ ରୋଦନ କରୁଥିବ । ନଚେତ୍ ତୁମମାନଙ୍କୁ ମଧ୍ୟ ସେହି ସବୁ ସମସ୍ୟା ଓ ବିପତ୍ତି ଘେରି ନେବ ଯାହାର ସେହି ଜାତି ଶିକାର ହୋଇଥିଲେ । ଗୋଟିଏ ବର୍ଣ୍ଣନା ଅନୁଯାୟୀ ମହାଭାଗ ସେହି ମାର୍ଗ ଦେଇ ଅତିକ୍ରମ କରିବା ସମୟରେ ନିଜ ପବିତ୍ର ମୁଖ ଢ଼ାଙ୍କି ଦେଲେ ଓ ନିଜ ବାହନର ବେଗ ତୀବ୍ର କରିଦେଲେ ।

ଏହି ଯାତ୍ରାରେ ମହାଭାଗଙ୍କ ଓଟ କୁସଓ୍ୱା ହଜି ଯାଇଥିଲା । ଯେଉଁ ଘଟଣାକୁ କେନ୍ଦ୍ର କରି ଆପତ୍ତିକାରୀମାନେ କହୁଥିଲେ, ମୁହମ୍ମଦ[ସ.ଅ] ତ ନବୀ ହେବାର ଦାବି କରୁଛନ୍ତି । କିନ୍ତୁ ତାଙ୍କୁ ଏତିକି ବି ଜଣା ନାହିଁ, ଯେ ତାଙ୍କ ହଜି ଯାଇଥିବା ଓଟ କେଉଁଠି ଅଛି । ପ୍ରତିଉତ୍ତରରେ ହୁଜୁର[ସ.ଅ] କହିଲେ; ଅଲ୍ଲାଃଙ୍କ ରାଣ ! ମୁଁ ଏତଦ୍ ବ୍ୟତୀତ ଅନ୍ୟ କିଛି ଜାଣେ ନାହିଁ, ଯାହା ପରମେଶ୍ୱର ମୋତେ ସୂଚିତ କରାନ୍ତି । ମହାଭାଗ ପୁନଶ୍ଚ କହିଲେ; ପରାକ୍ରମୀ ଅଲ୍ଲାଃ ମୋତେ ଓଟ ସଂକ୍ରାନ୍ତରେ ଖବର ଦେଇଛନ୍ତି ଯେ, ସେ ଅମକ ଘାଟିରେ ରହିଛି ।

ଏହି ଯାତ୍ରାରେ ମୁସଲମାନମାନଙ୍କ ନିକଟରେ ରହିଥିବା ପାଥେୟ ଅର୍ଥାତ୍ ଖାଦ୍ୟ ସାମଗ୍ରୀ (ରାସନ) ମଧ୍ୟ ଶେଷ ହୋଇଯାଇଥିଲା । ମାର୍ଗରେ କ୍ଷୁଧା ମୁସଲମାନମାନଙ୍କୁ ଅତିଶୟ ଅଥୟ କରିବାରୁ ସେମାନେ ହୁଜୁର[ସ.ଅ]ଙ୍କ ଠାରୁ ନିଜ ଜଳ ସଂଗ୍ରହ କରୁଥିବା ଓଟଗୁଡ଼ିକୁ ଜେବାଃ କରିବାର ଅନୁମତି ଲୋଡ଼ିଲେ, ଯାହାର

ମହାଭାଗ ସ୍ୱୀକୃତି ପ୍ରଦାନ କଲେ । କିନ୍ତୁ ହଜରତ ଉମର୍[ର.ଅ] ପରାମର୍ଶ ଦେଲେ ଏପରି ତ ବାହନଗୁଡ଼ିକର ହ୍ରାସ ଘଟିବ, ତେଣୁ ହୁଜୁର ଏପରି କରନ୍ତୁ କି ଲୋକମାନଙ୍କ ନିକଟରେ ରହିଯାଇଥିବା ଅବଶିଷ୍ଟ ରାସନ ମଗାଇ ଏକତ୍ରିତ କରାନ୍ତୁ ଓ ସେଥିରେ କଲ୍ୟାଣର ଦୁଆ କରନ୍ତୁ । ବସ୍ତୁତଃ ଏହିପରି ହିଁ କରାଗଲା ଓ ମହାଭାଗ ସେଥିରେ ଦୁଆ କଲେ, **ଫଳତଃ ସେହି ରାସନରେ ଏପରି ବୃଦ୍ଧି ଘଟିଲା ଯେ ସଭିଏଁ ସେବନ କଲେ ଓ ତୃପ୍ତ ହୋଇଗଲେ** । ତା'ପରେ ମଧ୍ୟ ରାସନ୍ ବଞ୍ଚି ରହିଥିଲା ।

ଏହି ଯାତ୍ରାରେ ଅନେକ ଏପରି ଘଟଣା ଘଟିଥିଲା ଯେଉଁଥିରୁ ଭିନ୍ନ ଭିନ୍ନ ପରିଣାମ ଓ କଥା ଉଦ୍ଧୃତ ହୋଇଥାଏ । ଉଦାହରଣ ସ୍ୱରୂପ ଦୁଇଜଣ ବ୍ୟକ୍ତି ମଧ୍ୟରେ ଲଢ଼େଇ ହେଲା, ସେମାନଙ୍କ ମଧ୍ୟରୁ ଜଣେ ଅନ୍ୟ ଜଣକର ହାତ କାମୁଡ଼ି ଦେଲା ଓ ଯେତେବେଳେ ଅନ୍ୟ ବ୍ୟକ୍ତି ଜଣକ ନିଜ ହାତ ଟାଣି ନେଲା ସେତେବେଳେ ପ୍ରଥମ ବ୍ୟକ୍ତିର ଦାନ୍ତ ଭାଙ୍ଗିଗଲା । ତେଣୁ ସେହି ବ୍ୟକ୍ତି ନିଜ ଦାନ୍ତ ଭାଙ୍ଗି ଯିବାର କ୍ଷତିପୂରଣ ଦାବି କରି ହୁଜୁର[ସ.ଅ]ଙ୍କ ନିକଟରେ ଫେରାଦ କଲା, କିନ୍ତୁ ହୁଜୁର[ସ.ଅ] ତାହାକୁ ରଦ୍ଦ କରିଦେଲେ ଓ କହିଲେ; କ'ଣ ସେ ତାହାର ହାତ ତୁମ ମୁଖରେ ରହିବାକୁ ଦେଇଥାନ୍ତା ଯଦ୍ଦ୍ୱାରା ତୁମେ ତାହାକୁ ଚୋବାଇ ଦେଇଥା'ନ୍ତ, ଯେପରିକି ତାହାର ହାତ କୌଣସି ଓଟ ମୁହଁରେ ରହିଛି । ସୁତରାଂ **! କ୍ଷତିପୂରଣର ହକଦାର କିଏ, ତାହାର ନିଷ୍ପତ୍ତି ମଧ୍ୟ ବାସ୍ତବତା ଓ ସାକ୍ଷୀମାନଙ୍କ ଉପରେ ନିର୍ଭର କରିଥାଏ ।**

ଏହିପରି ଏହି ଯାତ୍ରାରେ ମୁସଲମାନ ସେନା ଏକ ଖଜୁରୀ ବଗିଚା ମଧ୍ୟ ଦେଇ ଅତିକ୍ରମ କଲା ସେତେବେଳେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] କେତେକ ସାହାବାଙ୍କୁ ପଚାରିଲେ, ତୁମେମାନେ ଅନୁମାନ ଲଗାଇ (ମୋତେ) କୁହ ଏହି ବଗିଚାରେ କେତେ ଫଳ ରହିଛି ? ସଭିଏଁ ଅନୁମାନ ଲଗାଇଲେ ଓ ପୁଣ୍ୟଶ୍ଳୋକ ମଧ୍ୟ ଅନୁମାନ ଲଗାଇଲେ । ସେହି ବଗିଚାର ମାଲିକ ଜଣେ ମହିଳା ଥିଲେ, ଯିଏକି ସେଠାରେ ଛିଡ଼ା ହୋଇଥିଲେ । ତାଙ୍କୁ କୁହାଗଲା ଯେ, ଯେତେବେଳେ ଫଳ ତୋଳିବ ସେତେବେଳେ ତାହାର ଓଜନ ମନେ ରଖିବ । ଅତଏବ ମୁସଲମାନ ସେନା (ତବୁକ୍‌ରୁ) ପ୍ରତ୍ୟାବର୍ତ୍ତନ କରିବା ସମୟରେ ସେହି ମହିଳାଙ୍କୁ ଉକ୍ତ ବଗିଚାରୁ ସଂଗ୍ରହ କରିଥିବା ଫଳ ସଂକ୍ରାନ୍ତରେ ପଚାରିଲେ ସେତେବେଳେ ସେ ଠିକ୍ ସେହି ସଂଖ୍ୟା କହିଲେ, ଯାହାକି ହୁଜୁର[ସ.ଅ] ଆକଳନ କରିଥିଲେ ।

ପୁନଶ୍ଚ ଏହି ଯାତ୍ରାରେ ଏକଦା ମହାଭାଗ କହିଲେ; ଆଜି ରାତିରେ ଭୀଷଣ ଧୂଳିଝଡ ଓ ତୋଫାନ ଆସିବ । ବସ୍ତୁତଃ ସେହିପରି ହିଁ ଘଟିଲା ଅର୍ଥାତ୍ ଭୟଙ୍କର ଘୂର୍ଣ୍ଣିଝଡ ହେଲା । ଏହି ଯାତ୍ରାରେ ଅନେକ ପ୍ରକାରର ଚମତ୍କାର ମଧ୍ୟ ପ୍ରକଟ ହୋଇଥିଲା, **ଯହିଁରେ ବର୍ଷା ହେବା ସହିତ ଖାଦ୍ୟ ସାମଗ୍ରୀରେ ଅଜସ୍ର ଅଭିବୃଦ୍ଧି ଘଟିବା ଓ ଜଳଶୂନ୍ୟ କୂପରେ ଜଳପୂର୍ଣ୍ଣ ହେବା ପରି ଚମତ୍କାର ଅନ୍ତର୍ଭୁକ୍ତ** ।

ତବୁକ୍ ଯୁଦ୍ଧରେ ପହରା ଦେବା ସଂକ୍ରାନ୍ତରେ ଉଲ୍ଲେଖ ରହିଛି, ହୁଜୁର[ସ.ଅ]ଙ୍କ ସୁରକ୍ଷା ନିମନ୍ତେ ବିଶେଷ ଅଙ୍ଗରକ୍ଷୀ ଭାବରେ ହଜରତ ଅବ୍‌ବାସ ବିନ୍ ବିଶର୍[ର.ଅ]ଙ୍କୁ ମୁତୟନ କରାଯାଇଥିଲା । ଯିଏକି ନିଜ ସାଥୀମାନଙ୍କ ସହିତ ସେନାର ଚତୁର୍ପାର୍ଶ୍ୱରେ ଗସ୍ତ କରୁଥିଲେ । ଏକଦା ସେ କହିଲେ; ହେ ଅଲ୍ଲାଃଙ୍କ ରସୁଲ[ସ.ଅ] ! ଆମେ ରାତ୍ରିରେ ଗସ୍ତ କରିବା ସମୟରେ ତକବିର୍ (ଅଲ୍ଲାଃହୁ ଅକବର୍)ର ଶ୍ଳୋଗାନ ଶୁଣିଛୁ, କ'ଣ ମହାଭାଗ ଆମ ବ୍ୟତୀତ ଅନ୍ୟ କାହାକୁ ପହରା ଦେବା ପାଇଁ ମୁତୟନ କରିଛନ୍ତି । ଏଥିରେ ହୁଜୁର[ସ.ଅ] କହିଲେ; ନା, ମୁଁ ତୁମ ବ୍ୟତୀତ ଅନ୍ୟ କାହାରିକୁ ଏଥିପାଇଁ ନିଯୁକ୍ତ କରି ନାହିଁ । କିନ୍ତୁ

ସମ୍ଭବତଃ କିଛି ମୁସଲମାନ ନିଜ ଆଡୁ ସ୍ୱଛାସେବୀ ଭାବରେ ପହରା ଦେଉଥିବେ । ଏଥିରେ ହଜରତ ସଲକାନ ବିନ୍ ସଲମାଃ[ର.ଅ] ଛିଡ଼ା ହେଲେ, ଯାହାଙ୍କୁ ଏଥି ନିମନ୍ତେ ମୁତୟନ କରାଯାଇ ନଥିଲା । କିନ୍ତୁ ହୁଜୁର[ସ.ଅ]ଙ୍କ ସହିତ ଅନାବିଳ ପ୍ରେମ ଯୋଗୁଁ ସେ ସ୍ୱଇଚ୍ଛାରେ ଏହି କାର୍ଯ୍ୟ କରୁଥିଲେ । ସେ କହିଲେ; ହେ ଅଲ୍ଲାଃଙ୍କ ରସୁଲ[ସ.ଅ] ! ମୁଁ ନିଜର ଦଶଜଣ ଅଶ୍ୱାରୋହୀମାନଙ୍କ ସହିତ ବାହାରି ଏହି ଡ଼ିଉଟି ଦେଉଥିବା ଦଳର ସୁରକ୍ଷା କରୁଅଛି । ଏଥିରେ ହୁଜୁର[ସ.ଅ] ତାଙ୍କୁ ଦୁଆ ଦେଇ କହିଲେ; **ହେ ପ୍ରଭୁ ! ତୁମ୍ଭ ମାର୍ଗରେ ସୁରକ୍ଷାକାରୀଙ୍କୁ ସୁରକ୍ଷା ପ୍ରଦାନ କରୁଥିବା ଲୋକମାନଙ୍କ ଉପରେ ଦୟା ଅବତୀର୍ଣ୍ଣ କର** । ତୁମେ ଯେଉଁ ଲୋକମାନଙ୍କର ଅବା ଜୀବଯନ୍ତୁଙ୍କର ସୁରକ୍ଷା କରିଛ, ପ୍ରତ୍ୟେକ ଲୋକ ଓ ଜୀବଯନ୍ତୁ ବଦଳରେ ତୁମକୁ ଗୋଟିଏ ଗୋଟିଏ କିରାତ୍ (ଏକ ପର୍ବତ) ସମାନ ପ୍ରତିଫଳ ପ୍ରଦାନ କରନ୍ତୁ ।

ତବୁକ୍ ଯୁଦ୍ଧର ଯାତ୍ରା ସମୟରେ ଲୋକମାନଙ୍କର ଅବସ୍ଥା ଏପରି ଥିଲା ଯେ, ପ୍ରତି ଅବସ୍ଥାରେ କିଛି ନାକିଛି ଲୋକ ପଛରେ ରହି ଯାଉଥିଲେ । ଆଉ ସାହାବା କହୁଥିଲେ, ହୁଜୁର ଆଜି ଅମକ ବ୍ୟକ୍ତି ପଛରେ ରହିଯାଇଛି । ପ୍ରତିଉତ୍ତରରେ ହୁଜୁର[ସ.ଅ] କହୁଥିଲେ; ତାହାକୁ ଛାଡ଼, ଯଦି ତାହା ଦ୍ୱାରା କୌଣସି ଉପକାର ସାଧିତ ହେବାର ଥିବ ତେବେ ପ୍ରଭୁ ତାହାକୁ ତୁମ ସହିତ ସମ୍ମିଳିତ କରିଦେବେ । ଆଉ ଯଦି ଏତଦ୍ ବ୍ୟତୀତ ଅନ୍ୟ କିଛି ନିହିତ ରହିଥିବ ତେବେ ଈଶ୍ୱର ତାହା ଠାରୁ ତୁମକୁ ଉଦ୍ଧାର କରିଦେବେ । ଏହିପରି ଏକଦା ହଜରତ ଅବୁଜର୍[ର.ଅ]ଙ୍କ ଓଟ ସମ୍ପୂର୍ଣ୍ଣ ରୂପେ ଅଳସୁଆ ହୋଇଗଲା । ଶେଷରେ ସେ ତାହାକୁ ଛାଡ଼ି (ମୁକ୍ତ କରି) ଦେଲେ ଓ ନିଜ ସାମଗ୍ରୀ ମୁଣ୍ଡେଇ ନେଇ ହୁଜୁର[ସ.ଅ]ଙ୍କ ପଛପଛେ ପଦଯାତ୍ରା କରିବା ଆରମ୍ଭ କରିଦେଲେ । କିଛିଦିନ ଯାତ୍ରା ପରେ ଏକ ଅବସ୍ଥାନ ସମୟରେ ଲୋକମାନେ ଦେଖିଲେ ଜଣେ ବ୍ୟକ୍ତି ଏକାକୀ ଚାଲିଚାଲି ଆସୁଛନ୍ତି । ବସ୍ତୁତଃ ଲୋକମାନେ ଏହାର ସୂଚନା ମହାଭାଗଙ୍କୁ ପ୍ରଦାନ କଲେ, ଏଥିରେ ହୁଜୁର[ସ.ଅ] କହିଲେ; ସମ୍ପୃକ୍ତ ବ୍ୟକ୍ତି ଜଣକ ଅବୁଜର୍ ହୁଅନ୍ତେ କି ! ଯେତେବେଳେ ସେ ନିକଟବର୍ତ୍ତୀ ହେଲେ ଲୋକମାନେ କହିଲେ, ସେ ଅବୁଜର୍ ହିଁ ଅଟନ୍ତି । ଏଥିରେ ପୁଣ୍ୟଶ୍ଳୋକ କହିଲେ; ଅଲ୍ଲାଃତାଲା ଅବୁଜର୍ ଉପରେ ଦୟା କରନ୍ତୁ ସେ ଏକାକୀ ପଦଯାତ୍ରା କରୁଛନ୍ତି, ଏକାକୀ ହିଁ ମୃତ୍ୟୁବରଣ କରିବେ ଓ ଏକାକୀ ହିଁ ଉତ୍ଥିତ ହେବେ । **ଅତଃ ହଜରତ ଅବୁଜର୍[ର.ଅ]ଙ୍କ ସମ୍ବନ୍ଧରେ ହୁଜୁର[ସ.ଅ]ଙ୍କ କଥନ ଅକ୍ଷର ଅକ୍ଷରେ ପୂରଣ ହେଲା** । ଅତଏବ ହଜରତ ଉସମାନ[ର.ଅ]ଙ୍କ ଖିଲାଫତ୍ କାଳରେ ସେ ନିଜ ପରିବାରବର୍ଗ ସହିତ ମଦିନା ବାହାରେ ଏକ ଦୂରବର୍ତ୍ତୀ ସ୍ଥାନକୁ ସ୍ଥାନାନ୍ତରିତ ହୋଇଯାଇଥିଲେ । ଯେତେବେଳେ ତାଙ୍କର ଅନ୍ତିମ ସମୟ ନିକଟତର ହେଲା ସେତେବେଳେ ତାଙ୍କ ପତ୍ନୀ ବ୍ୟସ୍ତ ବିବ୍ରତ ହୋଇ ପଡିଲେ । ଏଥିରେ ଅବୁଜର୍ କହିଲେ; ଚିନ୍ତିତ ହୁଅ ନାହିଁ । ମୁଁ ହୁଜୁର[ସ.ଅ]ଙ୍କୁ ଏକଥା କହୁଥିବାର ଶୁଣିଛି ଯେ, ତୁମମାନଙ୍କ ମଧ୍ୟରୁ ଜଣେ ନିର୍ଜନ ଅରଣ୍ୟରେ ଦେହତ୍ୟାଗ କରିବ ଓ ତାହାର ଜନାଯାଃ ବିଶ୍ୱାସକାରୀଙ୍କର ଏକ ଦଳ ପାଠ କରିବେ । ଅଧିକନ୍ତୁ ସେ କହିଲେ; ଯେତେବେଳେ ମହାଭାଗ ଏକଥା କହିଥିଲେ ସେତେବେଳେ ଯେତେ ଲୋକ ସେଠାରେ ଉପସ୍ଥିତ ଥିଲେ, ସେ ସମସ୍ତେ ମୃତ୍ୟୁବରଣ କରିସାରିଲେଣି ଓ ସେମାନଙ୍କ ମଧ୍ୟରୁ କେହି ଜଣେ ହେଲେ ମଧ୍ୟ ନିର୍ଜନ ଅରଣ୍ୟରେ ଦେହତ୍ୟାଗ କରିନାହାନ୍ତି, କେବଳ ମୋ ବ୍ୟତୀତ । ତେଣୁ ତୁମେ ଘାବରା ହୁଅ ନାହିଁ । ଯଦି ମୁଁ ମୃତ୍ୟୁବରଣ କରେ ତେବେ ମୋ ମରଶରୀରକୁ ସ୍ନାନ ଦେଇ ମଦିନା ଯିବା ମାର୍ଗରେ ରଖିଦେବ । ସୁତରାଂ ସେ ସେହିପରି ହିଁ

କଲେ, ସ୍ୱଳ୍ପ ସମୟ ଅତିବାହିତ ହୋଇଥିବ ଯେ ସେହି ବାଟ ଦେଇ ହଜରତ ଅବ୍ଦୁଲ୍ଲାଃ ବିନ୍ ମସଉଦ୍[ର.ଅ] ନିଜ ସାଥୀମାନଙ୍କ ସହିତ ଅତିକ୍ରମ କରୁଥିଲେ ଓ ସେ ଇରାକ୍‌ରୁ ଉମ୍‌ରା କରିବା ଉଦ୍ଦେଶ୍ୟରେ ବାହାରି ଥିଲେ । ଯେତେବେଳେ ତାଙ୍କୁ ଖବର ମିଳିଲା ଯେ, ଏ ତ ଅବୁଜର୍[ର.ଅ] ସେତେବେଳେ ସେ ରୋଦନ କରିବାକୁ ଲାଗିଲେ ଏବଂ କହିଲେ; ପବିତ୍ର ଅବତାର[ସ.ଅ] ସତ କହିଥିଲେ, ଯେ ଅବୁଜର୍[ର.ଅ] ଏକାକୀ ଚାଲନ୍ତି ଓ ଏକାକୀ ମୃତ୍ୟୁବରଣ କରିବେ । ତା'ପରେ ସେ ନିଜ ସାଥୀମାନଙ୍କ ସହିତ ହଜରତ ଅବୁଜର୍[ର.ଅ]ଙ୍କର ଜନାଯାଃ ପାଠ କଲେ ଓ ତାଙ୍କୁ ସେହିଠାରେ ହିଁ ସମାଧି ଦେଲେ ।

ପରିଶେଷରେ ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ରବଓ୍ୱାର ମସଜିଦ୍ ଉପରେ ଆକ୍ରମଣ ସମୟରେ ଯେଉଁ ଅହମଦିମାନେ କ୍ଷତାକ୍ତ ହୋଇଥିଲେ, ସେମାନଙ୍କ ସକାଶେ ଦୁଆ କରିବେ ଅଲ୍ଲାଃତାଲା ସେମାନଙ୍କୁ ନିଜ ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ ଓ ଶୀଘ୍ର ସ୍ୱାସ୍ଥ୍ୟବାନ କରିଦିଅନ୍ତୁ । ପାକିସ୍ତାନରେ ସମସ୍ତ ବିରୋଧୀମାନଙ୍କ ଷଡଯନ୍ତ୍ରକୁ ଅଲ୍ଲାଃତାଲା ପଣ୍ଡ କରନ୍ତୁ । ରବଓ୍ୱାରେ ଖତ୍‌ମେ ନବୁଓ୍ୱତ୍ ନାମରେ ବିରୋଧୀମାନେ ଜଲ୍‌ସା ଅନୁଷ୍ଠିତ କରୁଛନ୍ତି । ସେଥିରେ ମୌଲବୀମାନେ (ଅହମଦିୟତ୍ ବିରୁଦ୍ଧରେ) ଯେଭଳି ଅଭଦ୍ର, ଅଶ୍ଳୀଳ ଓ କଟୁଭାଷାର ପ୍ରୟୋଗ କରିବା ସମ୍ଭବ ତାହା କରୁଛନ୍ତି । ଅଲ୍ଲାଃତାଲା ସେମାନଙ୍କ କୁପରିଣାମରୁ (ଅହମଦିମାନଙ୍କୁ) ସୁରକ୍ଷିତ ରଖନ୍ତୁ । ବଙ୍ଗଳାଦେଶର ଅହମଦିମାନଙ୍କ ପାଇଁ ମଧ୍ୟ ଦୁଆ କରିବେ । ସେଠାରେ ମଧ୍ୟ ବିରୋଧୀମାନଙ୍କ ଉଦ୍ଦେଶ୍ୟ ଅତି ସାଙ୍ଘାତିକ ପ୍ରତୀତ ହେଉଛି । ଅଲ୍ଲାଃତାଲା ସେଠାରେ ମଧ୍ୟ ପ୍ରତ୍ୟେକ ଅହମଦିଙ୍କୁ ସୁରକ୍ଷିତ ରଖନ୍ତୁ । ମଧ୍ୟଏସିଆ ସକାଶେ ମଧ୍ୟ ଦୁଆ କରିବେ, ଅଲ୍ଲାଃତାଲା ସେମାନଙ୍କ ପ୍ରତି ମଧ୍ୟ ଦୟା ଆଚରଣ କରନ୍ତୁ ଓ ଅତ୍ୟାଚାରୀମାନଙ୍କ କବଳରୁ ମୁକ୍ତି ପ୍ରଦାନ କରନ୍ତୁ । ଗତ ଦୁଇଦିନ ମଧ୍ୟରେ ଯେଭଳି ଉନ୍ମୁଳ କାଣ୍ଡ ଘଟିଛି, ସେଥିରୁ ପ୍ରମାଣିତ ହେଉଛି ଯେ ଯୁଦ୍ଧ ବିରାମର ଯେଉଁ ଘୋଷଣା କରାଯାଉଛି, ତାହା କେବଳ ତୁଚ୍ଛ ଘୋଷଣା ମାତ୍ର । ଅଲ୍ଲାଃତାଲା ସେହି ଅତ୍ୟାଚାରୀମାନଙ୍କୁ ଅତ୍ୟାଚାର କରିବାରୁ ନିବୃତ୍ତ ରଖନ୍ତୁ ଓ ସେମାନଙ୍କର ଧରପଗଡ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

31st October 2025

*Translated to Odia by :* Moulavi Anwar Ahmad Khan